# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**18th April - 2024**

**News Editor : *Tapan Kumar Maharana***

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ବୈଠକ ।

- ଡି.ଆର୍.ଡି.ଓ. ପକ୍ଷରୁ ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ କ୍ରୁଜ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ।

- ରାଜ୍ୟର ୪ଟି ବିଧାନସଭା ଆସନ ପାଇଁ କଂଗ୍ରେସ ଘୋଷଣା କଲା ପ୍ରାର୍ଥୀ ତାଲିକା ।

ଏବଂ

- ଗ୍ରୀଷ୍ମପ୍ରବାହ ଅବ୍ୟାହତ ରହିଥିବାବେଳେ ୪୩ ଦଶମିକ ୬ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ର ସହ ରାଜଧାନୀ ଭୁବନେଶ୍ୱର ରାଜ୍ୟର ସର୍ବାଧିକ ଉତ୍ତପ୍ତ ସହର ।

# ନିର୍ବାଚନ କମିଶନର ବୈଠକ

ଓଡ଼ିଶାରେ ଏକକାଳୀନ ସାଧାରଣ ନିର୍ବାଚନ ୨୦୨୪ ପାଇଁ ଆଜି ଆନୁଷ୍ଠାନିକ ଭାବେ ବିଜ୍ଞାପ୍ତି ପ୍ରକାଶ ପାଇବା ପରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ବୈଠକ କରିଛନ୍ତି । ରାଜ୍ୟରେ ନିର୍ବାଚନକୁ ସ୍ୱଚ୍ଛ, ମୁକ୍ତ, ଅବାଧ, ନିରପେକ୍ଷ, ତ୍ରୁଟିଶୂନ୍ୟ ଓ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବାପାଇଁ ଶ୍ରୀ ଧଳ ସମସ୍ତ ରାଜନୈତିକ ଦଳର ସହଯୋଗ କାମନା କରିବା ସହ ଆଦର୍ଶ ଆଚରଣ ବିଧିର କଡ଼ାକଡ଼ି ଅନୁପାଳନ କରିବାପାଇଁ କହିଛନ୍ତି । ଏହି ଅବସରରେ ଶ୍ରୀ ଧଳ ନାମାଙ୍କନ ପତ୍ର ଦାଖଲ, ଯାଞ୍ଚ, ପ୍ରାର୍ଥୀପତ୍ର ପ୍ରତ୍ୟାହାରର ପ୍ରକ୍ରିୟା, ନିର୍ବାଚନ ଓ ନିର୍ବାଚନର ଫଳ ପ୍ରକାଶ ପାଇବା ତାରିଖ ଏବଂ ପ୍ରକ୍ରିୟା ବିଷୟରେ ସବିଶେଷ ତଥ୍ୟ ରଖିଥିଲେ । କଳାହାଣ୍ଡି, ନବରଙ୍ଗପୁର (ଏସ୍.ଟି.), ବ୍ରହ୍ମପୁର ଓ କୋରାପୁଟ (ଏସ୍.ଟି.) ଲୋକସଭା ନିର୍ବାଚନ ମଣ୍ଡଳି ଏବଂ ଏହା ଅନ୍ତର୍ଗତ ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳି ସଂକ୍ରାନ୍ତୀୟ ପ୍ରସ୍ତୁତି ଉପରେ ବିଶେଷ ଭାବରେ ଆଲୋଚନା କରାଯାଇଥିଲା । କେତେକ ନିର୍ବାଚନ ମଣ୍ଡଳିର ସୁରକ୍ଷା ଦୃଷ୍ଟିରୁ ନିର୍ବାଚନ ସମୟକୁ ଅପରାହ୍ଣ ୪ଟା ଓ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କରାଯାଇଥିବା ବିଷୟରେ ମଧ୍ୟ ଶ୍ରୀ ଧଳ ସୂଚନା ଦେଇଥିଲେ । ଅନ୍ୟ ସମସ୍ତ ଅଞ୍ଚଳରେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ୍‌ଗ୍ରହଣ ଅନୁଷ୍ଠିତ ହେବ । ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଚତୁର୍ଥ ପର୍ଯ୍ୟାୟରେ ହେବାକୁ ଯାଉଥିବା ନିର୍ବାଚନ ଅନ୍ତର୍ଗତ ଓଡ଼ିଶାର ୪ଟି ଲୋକସଭା ଏବଂ ଏହା ଅନ୍ତର୍ଗତ

୨୮ଟି ବିଧାନସଭା ନିର୍ବାଚନ ମଣ୍ଡଳି ନିମନ୍ତେ ଏପ୍ରିଲ୍ ୨୫ ତାରିଖକୁ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ଭାବେ ସ୍ଥିର କରାଯାଇଛି । ୨୬ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ୍ କରାଯିବ ଏବଂ ୨୯ ତାରିଖ ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ଦିନ ହୋଇଥିବାବେଳେ ମଇ ମାସ ୧୩ ତାରିଖରେ ମତଦାନ ଅନୁଷ୍ଠିତ ହେବ । ଏହି ସମସ୍ତ ନିର୍ବାଚନ ପ୍ରକ୍ରିୟା ଜୁନ୍ ୬ ତାରିଖ ସୁଦ୍ଧା ଶେଷ ହେବ ।

*GNR*

# କ୍ରୁଜ୍ କ୍ଷେପଣାସ୍ତ୍ର ପରୀକ୍ଷଣ

ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ – ଡି.ଆର୍.ଡି.ଓ. ପକ୍ଷରୁ ଓଡ଼ିଶା ଉପକୂଳର ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ୍ – ଆଇ.ଟି.ଆର୍.ରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ କ୍ରୁଜ୍ କ୍ଷେପଣାସ୍ତ୍ର – ଆଇ.ଟି.ସି.ଏମ୍.ର ସଫଳ ପରୀକ୍ଷଣ କରାଯାଇଛି । ଏହି କ୍ଷେପଣାସ୍ତ୍ରର କାର୍ଯ୍ୟଦକ୍ଷତାକୁ ରାଡାର୍, ଇଲେକ୍ଟ୍ରୋ ଅପ୍ଟିକାଲ୍ ଟ୍ରାକିଙ୍ଗ୍ ସିଷ୍ଟମ୍ – ଇ.ଓ.ଟି.ଏସ୍. ଏବଂ ଆଇ.ଟି.ଆର୍.ଦ୍ୱାରା ବିଭନ୍ନ ସ୍ଥାନରେ ନିୟୋଜିତ ଟେଲିମେଟ୍ରିଦ୍ୱାରା ନିରୀକ୍ଷଣ କରାଯାଇଥିଲା । ଭାରତୀୟ ବାୟୁସେନାର ସୁ–୩୦ ଏମ୍.କେ.–୧ ବିମାନରୁ ଏହି କ୍ଷେପଣାସ୍ତ୍ର ଉଡ଼ାଣ ଉପରେ ନଜର ରକ୍ଷାଯାଇଥିଲା । ଏହି କ୍ଷେପଣାସ୍ତ୍ର ୱେ ପଏଣ୍ଟ ନାଭିଗେସନ ବ୍ୟବହାର କରି ଆବଶ୍ୟକ ପଥ ଅନୁସରଣ କରିଥିଲା ଏବଂ ଅତ୍ୟନ୍ତ ନିମ୍ନ ଉଚ୍ଚତା ବିଶିଷ୍ଟ

ସମୁଦ୍ର ସ୍କିମିଙ୍ଗ୍ ଉଡ଼ାଣ ପରିଦର୍ଶନ କରିଥିଲା । ବେଙ୍ଗାଲୁରୁସ୍ଥିତ ଗ୍ୟାସ୍ ଟର୍ବାଇନ୍ ରିସର୍ଚ୍ଚ ଏଷ୍ଟାବ୍ଲିଶମେଣ୍ଟ - ଜି.ପି.ଆଇ.ଦ୍ୱାରା ବିକଶିତ ଏହି ସ୍ୱଦେଶୀ ପ୍ରପଲ୍‌ସନ୍ ସିଷ୍ଟମ୍ ସଫଳ ଭାବେ କାର୍ଯ୍ୟ କରିଥିବାର ଜଣାପଡ଼ିଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଇ.ଟି.ସି.ଏମ୍.ର ସଫଳ ଉଡ଼ାଣ ପରୀକ୍ଷଣ ପାଇଁ ଡି.ଆର୍.ଡି.ଓ.ର ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

କ୍ରୁଜ୍ ମିଶାଇଲର ପରୀକ୍ଷଣ ସଫଳ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାମାଜିକ ଗଣମାଧ୍ୟମରେ ଡି.ଆର.ଡି.ଓ.କୁ ଶୁଭେଚ୍ଛା ଜଣାଇଛନ୍ତି।

***BBSR***

# କଂଗ୍ରେସ ପ୍ରାର୍ଥୀ ତାଲିକା

ରାଜ୍ୟର ୪ଟି ବିଧାନସଭା ଆସନ ପାଇଁ କଂଗ୍ରେସ୍ ପକ୍ଷରୁ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ମାହାଙ୍ଗାରୁ ଦେବେନ୍ଦ୍ର ସାହୁ, ସତ୍ୟବାଦୀରୁ ମନୋଜ ରଥ, ଭୁବନେଶ୍ୱର-ମଧ୍ୟ ପାଇଁ ପ୍ରକାଶ ଜେନା ଏବଂ ଭୁବନେଶ୍ୱର-ଉତ୍ତର ପାଇଁ ଅଶୋକ ଦାସଙ୍କୁ ଦଳ ପ୍ରାର୍ଥୀ କରିଛି। ପୂର୍ବରୁ କଂଗ୍ରେସ ୧୨୨ଟି ଆସନରେ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲା। ସେହିପରି ମୋଟ୍ ୧୭ ଲୋକସଭା ଆସନ ପାଇଁ ମଧ୍ୟ କଂଗ୍ରେସ ପ୍ରାର୍ଥୀ ଘୋଷଣା କରି ସାରିଛି।

*Gajapati/R*

# ନାମାଙ୍କନ

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆଜି ଗଜପତି ଜିଲ୍ଲାର ଅନ୍ୟତମ ସଂରକ୍ଷିତ ବିଧାନସଭା ଆସନ ମୋହନ ନିର୍ବାଚନମଣ୍ଡଳିପାଇଁ କଂଗ୍ରେସ ଦଳ ପକ୍ଷରୁ ଦାଶରଥି ଗମାଙ୍ଗ ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର କୁମାର ଦାସଙ୍କ ନିକଟରେ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ବିଧାୟକ ପ୍ରାର୍ଥୀ ଶ୍ରୀ ଗମାଙ୍ଗ ତାଙ୍କର ସମର୍ଥକଙ୍କ ଗହଣରେ ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମ୍‌ଠାରୁ ଏକ ଶୋଭାଯାତ୍ରାରେ ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ସହ ଯାଇ ତାଙ୍କର ପ୍ରାର୍ଥୀପତ୍ର ଦାଖଲ କରିଥିଲେ ।

*Boudh/R*

# ନିର୍ବାଚନ ସଚେତନତା ର୍ୟାଲି

ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁରୁଣା କଟକସ୍ଥିତ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଏକ ଭୋଟର୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ସମସ୍ତ ନୂତନ ଭୋଟରଙ୍କୁ ମତଦାନ କରିବାକୁ ଜିଲ୍ଲାପାଳ ନିବେଦନ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ, ଉପଜିଲ୍ଲାପାଳ,

ବୌଦ୍ଧ ନିର୍ବାଚନ ମଣ୍ଡଳିର ରିଟର୍ଣ୍ଣିଂ ଅଫିସର, ଅଧ୍ୟାପକ ଏବଂ ଛାତ୍ରଛାତ୍ରୀମାନେ ଏହି ସଚେତନତା ଶିବିରରେ ଅଂଶଗ୍ରହଣ କରିଥିଲେ ।

*Sambalpur/R*

## ପାର୍କିଂସ୍ଥଳ

ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ବିଲ୍ଡିଂ ପ୍ଲାନିଂ ଅନୁମୋଦନ ପାଇଥିବା ପ୍ରତିଷ୍ଠାନର ପାର୍କିଂ ସ୍ଥାନ ଅନ୍ୟ କାର୍ଯ୍ୟରେ ବ୍ୟବହାର ହେଲେ ଏଣିକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସମ୍ବଲପୁର ମହାନଗର ନିଗମର କମିଶନର ବେଦଭୂଷଣ ଏନେଇ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ - ଓ.ଡି.ଏ. ଆଇନ, ୧୯୮୨ ଧାରା ୩ର ଉପଧାରା ୧୬ ଅନ୍ତର୍ଗତ ବିଲ୍ଡିଂ ପ୍ଲାନ୍ ଅନୁମୋଦନ କରାଯାଇଥିବା ପାର୍କିଂ ସ୍ଥାନକୁ ପାର୍କିଂ ଭାବେ ବ୍ୟବହାର ନ କରି ଯଦି ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରୁଥିବେ, ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେହି ସ୍ଥାନରେ ଥିବା ଜିନିଷପତ୍ରକୁ ବାଜ୍ୟାପ୍ତ କରାଯିବା ସହିତ ବ୍ୟବସାୟ ପ୍ରତିଷ୍ଠାନକୁ ବନ୍ଦ କରାଯିବା ପାଇଁ ବିହିତ ପଦକ୍ଷେପ ନିଆଯିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି ।

*Desk*

## ପରଲୋକ

ଓଡ଼ିଆ ଚଳଚ୍ଚିତ୍ର, ଧାରାବାହିକ ଜଗତର ପ୍ରଖ୍ୟାତ ଅଭିନେତା ତଥା ଯାତ୍ରାଜଗତର କିମ୍ବଦନ୍ତୀ ନିର୍ଦ୍ଦେଶକ ଡକ୍ଟର ସଚି ଦାସଙ୍କର ଆଜି ୯୧ ବର୍ଷ ବୟସରେ ପରଲୋକ ହୋଇଯାଇଛି । ଏହି ଖବର ଜଣାପଡ଼ିବା ପରେ ତାଙ୍କ ଜନ୍ମସ୍ଥାନ ବରି ସହିତ ସମଗ୍ର ରାଜ୍ୟରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତ ଦାସ ଅନେକ ଚଳଚ୍ଚିତ୍ର, ମେଗା ଧାରାବାହିକରେ ଅଭିନୟ କରିବା ସହିତ ଜଣେ ନିର୍ଦ୍ଦେଶକ ଭାବେ ମଧ୍ୟ ବେଶ୍ ସୁନାମ ଅର୍ଜନ କରିଥିଲେ ।

*IPR*

## ବୀମା ସ୍ୱାସ୍ଥ୍ୟ ଅଧିକାରୀ - ତାଲିମ ଶିବିର

ରାଜ୍ୟରେ ଅବସ୍ଥାପିତ କର୍ମଚାରୀ ରାଜ୍ୟ ବୀମା ଯୋଜନା ଡାକ୍ତରଖାନାର ବୀମା ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ନିମନ୍ତେ ଏକ ଦିନିକିଆ ତାଲିମ କର୍ମଶାଳା ଭୁବନେଶ୍ୱରସ୍ଥିତ ଶ୍ରମ ସଂସ୍ଥାନରେ ଉଦ୍‌ଘାଟିତ ହୋଇଯାଇଛି । ଶ୍ରମ ବିଭାଗ ସଂସ୍ଥାନର ଉପାଧ୍ୟକ୍ଷ ଏବଂ କମିଶନର ତଥା ଶାସନ ସଚିବ ଆର୍. ଏସ୍. ଗୋପାଳନ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ତାଲିମ୍ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ । ଏହି କର୍ମଶାଳାରେ ୩୬ ଜଣ ବୀମା ସ୍ୱାସ୍ଥ୍ୟ ଅଧିକାରୀ ଯୋଗ ଦେଇଥିଲେ ।

*Desk, Gajapati/R*

# ଜଙ୍ଗଲ ନିଆଁ

ଅସହ୍ୟ ଗ୍ରୀଷ୍ମପ୍ରବାହ ଯୋଗୁଁ ରାଜ୍ୟର ଜଙ୍ଗଲଗୁଡ଼ିକରେ ଜୀବଜନ୍ତୁଙ୍କ ଜୀବନଶୈଳୀ ପ୍ରଭାବିତ ହେବା ସହ କେତେକ ଜଙ୍ଗଲରେ ନିଆଁ ଲାଗିବା ପରିଲକ୍ଷିତ ହେଉଛି। ଗତକାଲି ଦେଶର ୧୬୫ଟି ଜଙ୍ଗଲରେ ନିଆଁ ଲାଗିଥିବାବେଳେ ଓଡ଼ିଶାର ସର୍ବାଧିକ ୩୪ଟି ଜଙ୍ଗଲରେ ନିଆଁ ଲାଗିଥିବା ଜଣାପଡିଛି। ସପ୍ତାହକ ମଧ୍ୟରେ ନିଆଁ ଲାଗିବାରେ ଓଡ଼ିଶା ଦେଶର ଦ୍ୱିତୀୟ ସ୍ଥାନରେ ରହିଛି ବୋଲି କେନ୍ଦ୍ର ଜଙ୍ଗଲ ସର୍ବେକ୍ଷଣ ୱେବ୍‌ସାଇଟ୍ ତଥ୍ୟରୁ ସୂଚନା ମିଳିଛି। ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ନୟାଗଡ଼ ଏବଂ ଖୋର୍ଦ୍ଧାଜିଲ୍ଲାର ଜଙ୍ଗଲଗୁଡ଼ିକରେ ନିଆଁ ଲାଗିଥିବା ଜଣାପଡିଛି। ନିଆଁ ଲିଭାଇବା କାର୍ଯ୍ୟରେ ବନବିଭାଗ କର୍ମଚାରୀମାନେ ନିୟୋଜିତ ରହିଛନ୍ତି। ରାଜ୍ୟରେ ୨୦୨୧ଠାରୁ ଜଙ୍ଗଲ ନିଆଁ ବୃଦ୍ଧି ପାଇବାରେ ଲାଗିଛି।

ଗଜପତି ଜିଲ୍ଲାର ମୋହନାଠାରେ ବନବିଭାଗ ପକ୍ଷରୁ ଜଙ୍ଗଲ ନିଆଁ ବ୍ୟାପିବାରୁ ରୋକିବା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜଙ୍ଗଲରେ ନିଆଁ ଲାଗିଲେ ଏହା ବନବିଭାଗର ଚିନ୍ତାର କାରଣ ହୋଇଥାଏ । ଏନେଇ ଜନସଚେତନତା କାର୍ଯ୍ୟକ୍ରମ କରାଯାଉଛି ବୋଲି ବନାଞ୍ଚଳ ଅଧିକାରୀ ସୂଚନା ଦେଇଛନ୍ତି । ଜଙ୍ଗଲରେ ନିଆଁ ନ ଲଗାଇବାପାଇଁ ବନବିଭାଗ ପକ୍ଷରୁ ଜନ ସଚେତନତା କାର୍ଯ୍ୟକ୍ରମ ସୃଷ୍ଟି କରାଯିବା ସହ ନିଆଁ ଲାଗିଥିଲେ ବନବିଭାଗକୁ ତୁରନ୍ତ ଜଣାଇବାପାଇଁ ଜନସାଧାରଣଙ୍କୁ କୁହାଯାଇଛି ।

*BBSR*

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ପାଣିପାଗ କେନ୍ଦ୍ରର ଅନୁଯାୟୀ ଆଜି ସାଢ଼େ ୨ଟା ସୁଦ୍ଧା ଭୁବନେଶ୍ୱରର ତାପମାତ୍ରା ସର୍ବାଧିକ ୪୩ ଦଶମିକ ୬ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଛି । ଝାରସୁଗୁଡ଼ାଠାରେ ୪୨ ଦଶମିକ ୬, ବାଲେଶ୍ୱର, ହୀରାକୁଦ, ଚାନ୍ଦବାଲି, କେନ୍ଦୁଝର, ରାଉରକେଲାରେ ଦିନ ତାପମାତ୍ରା ୪୦ ଡିଗ୍ରୀ ଉପରେ ଥିବାର ଆମ ସମ୍ବାଦଦାତା ଜଣାଇଛନ୍ତି । ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ବିଦ୍ୟାଳୟକୁ ଆସନ୍ତା ଶନିବାର ପର୍ଯ୍ୟନ୍ତ ବନ୍ଦ ରଖିବାକୁ ସରକାର ଘୋଷଣା କରିଛନ୍ତି । ଆସନ୍ତା ୨ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଶନିବାର ସୁଦ୍ଧା ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ଅତିକ୍ରମ କରିବ ବୋଲି ପାଣିପାଗ ବିଭାଗ କହିଛି ।

ଆସନ୍ତା ଦୁଇ ଦିନ ମଧ୍ୟରେ ମୟୂରଭଞ୍ଜ, ନୟାଗଡ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, କଟକ, ଯାଜପୁର, ଢେଙ୍କାନାଳ, ଖୋର୍ଦ୍ଧା, ଅନୁଗୁଳ, କେନ୍ଦୁଝର, ବୌଦ୍ଧ, କନ୍ଧମାଳ, କୋରାପୁଟ ଓ ମାଲକାନଗିରି ଜିଲ୍ଲାଗୁଡ଼ିକର ତାପମାତ୍ରା ବୃଦ୍ଧି ପାଇବ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ପାଣିପାଗ କେନ୍ଦ୍ରର ଆକଳନକୁ ଦୃଷ୍ଟିରେ ରଖି ରାଜ୍ୟର

ସମସ୍ତ ଜିଲ୍ଲାପାଳଙ୍କୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

*Desk*

## ବିଶ୍ୱ ଐତିହ୍ୟ ଦିବସ

ଆଜି ବିଶ୍ୱ ଐତିହ୍ୟ ଦିବସ । ଆନ୍ତର୍ଜାତୀୟ ସ୍ଥାପତ୍ୟ ପରିଷଦର ପ୍ରସ୍ତାବ ଅନୁସାରେ ଆଜିର ଦିନକୁ ବିଶ୍ୱ ଐତିହ୍ୟ ଦିବସ ଭାବେ ପାଳନ କରିବା ଲାଗି ୟୁନେସ୍କୋ ସାଧାରଣ ପରିଷଦ ୧୯୮୨ ମସିହାଠାରୁ ଏହି ନିଷ୍ପତ୍ତି ନେଇଥିଲା । ସାଂସ୍କୃତିକ ଐତିହ୍ୟର ବିବିଧତା ଉପରେ ଲୋକଙ୍କୁ ସଚେତନ କରାଇବା ପାଇଁ ଏହି ଦିବସ ପାଳନ କରାଯାଉଛି। ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ବିବିଧତା ଆବିଷ୍କାର ଆଉ ଅନୁଭବ କର' । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇବା ସହ ଐତହ୍ୟଗୁଡ଼ିକୁ ଭବିଷ୍ୟତ ପିଢ଼ି ପାଇଁ ସଂରକ୍ଷଣ କରି ରଖିବା ପାଇଁ ଆହ୍ୱାନ କରିଛନ୍ତି।

*****